# ନୂତନ ବର୍ଷର ଅଭିନନ୍ଦନ

ନବ ବର୍ଷ – ୨୦୨୨ ର ଶୁଭ ଅବସରରେ ଓଡିଶା ଜଳ ବିଦ୍ୟୁତ୍ ନିଗମର ସମଗ୍ର ପରିବାରକୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଓ ଶୁଭକାମନା।

ବର୍ଷ ୨୦୨୧ ଆମ ପାଇଁ ବିଭିନ୍ନ କ୍ଷେତ୍ରରେ ଏକ ସଫଳତାର ବର୍ଷ ଭାବେ ପ୍ରତିପାଦିତ ହୋଇଅଛି । ସମଗ୍ର ବିଶ୍ୱ କରୋନା ଭୂତାଣୁର ପ୍ରକୋପରେ କବଳିତ ଥିବାବେଳେ, ଆମେ ଏହି ବର୍ଷ ୫୦୫୭ ମିଲିୟନ୍ ୟୁନିଟ୍ ବିଦ୍ୟୁତ୍ ଉତ୍ପାଦନ କରି ରାଜ୍ୟର ଶକ୍ତି ଚାହିଦା ପୂରଣ କରିବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଅଛୁ ।ଅଧିକନ୍ତୁ, ହୀରାକୁଦ ଜଳ ବିଦ୍ୟୁତ୍ ପ୍ରକଳ୍ପର ୟୁନିଟ୍-୬ଏବଂ ବାଲିମେଳାର ଜଳ ବିଦ୍ୟୁତ୍ କେନ୍ଦ୍ରର ୟୁନିଟ୍-୨ର ପୁନରୁଦ୍ଧାର ଓ ଆଧୁନିକୀକରଣ ପ୍ରକ୍ରିୟାର ସଫଳ ପରିଣାମ ସ୍ୱରୁପ ଆଜି OHPCର କ୍ଷମତା ବୃଦ୍ଧି ପାଇ ୨୦୯୩.୬୫ ମେଗାୱାଟ୍ ରେ ପହଞ୍ଚିପାରିଛି ଯାହା ରାଜ୍ୟର ସର୍ବୋଚ୍ଚ ବିଦ୍ୟୁତ୍ ଚାହିଦାକୁ ମେଣ୍ଟାଇବାରେ ସହାୟକ ହେଉଅଛି।

ରେଙ୍ଗାଲୀ ଗ୍ରାମାଞ୍ଚଳ ରାସ୍ତାର ଆଲୋକୀକରଣ କରିବା ହେଉ କି ମାଲକାନଗିରି ଜିଲ୍ଲା ନିମନ୍ତେ ଆମ୍ବୁଲାନ୍ସ କ୍ରୟ କରିବା, ଆର୍ଥିକ ସ୍ତରରେ ଦୁର୍ବଳ ଛାତ୍ର ଛାତ୍ରୀଙ୍କ ନିମିତ୍ତ ମେଡିକାଲ୍ କୋଚିଂ ବ୍ୟବସ୍ଥା କରିବା ହେଉ ଅବା ଗୋଲମୁଣ୍ଡା ଓ ଜୁନାଗଡ ଅଞ୍ଚଳକୁ ସୌର ଶକ୍ତି ମାଧ୍ୟମରେ ଆଲୋକିତ କରିବା, ଏପରିକି କଳାହାଣ୍ଡିର ଜୁନାଗଡଠାରେ ବିଜୁ ପଟ୍ଟନାୟକ ଷ୍ଟାଡିୟମର ବିକାଶ, ପୂର୍ବୋକ୍ତ ପ୍ରତିଟି କାର୍ଯ୍ୟ ଓଡିଶା ଜଳ ବିଦ୍ୟୁତ୍ ନିଗମର ସାମାଜିକ ଦାୟୀତ୍ୱବୋଧର ଏକ ଉଲ୍ଲେଖନୀୟ ନିଦର୍ଶନ ମାତ୍ର।

ଓଡିଶା ଜଳ ବିଦ୍ୟୁତ୍ ନିଗମକୁ ରାଜ୍ୟର ଶ୍ରେଷ୍ଠ ଅନୁଷ୍ଠାନ ଭାବେ ଗଢିତୋଳିବା ପାଇଁ ସମସ୍ତ କର୍ମଚାରୀଙ୍କୁ ନିଜ ନିଜ ସ୍ତରରେ ନିଷ୍ଠାପର ଉଦ୍ୟମ ଜାରି ରଖିବାକୁ ମୁଁ ଆହ୍ୱାନ କରୁଅଛି । ଆଗାମୀ ଦିନରେ ଆମ ଜଳ ବିଦ୍ୟୁତ୍ ନିଗମ ନିରନ୍ତର ଶକ୍ତି ଉତ୍ପାଦନ କରି ଓଡିଶାର ଶକ୍ତି ଚାହିଦାକୁ ପୂରଣ କରିବା ନିମନ୍ତେ ସଂକଳ୍ପବଦ୍ଧ ହୋଇ କାର୍ଯ୍ୟ କରିବାରେ ସମସ୍ତଙ୍କର ସହଯୋଗ କାମନା କରୁଛି ।

ଏହି ନବବର୍ଷ (୨୦୨୨), ନିଗମରେ କାର୍ଯ୍ୟରତ ସମସ୍ତ କର୍ମଚାରୀଗଣ ତଥା ସେମାନଙ୍କ ପରିବାରବର୍ଗଙ୍କ ନିମନ୍ତେ ସୁସ୍ଥ, ନିରାମୟ, ଆନନ୍ଦ, ସମ୍ଭାବନା ଓ ସମୃଦ୍ଧିର ବର୍ଷ ହେଉ ଏହାହିଁ ଜଗତର ନାଥ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଶ୍ରୀଚରଣାରବିନ୍ଦରେ ମୋର ପ୍ରାର୍ଥନା ଓ କାମନା ।

ବିଷ୍ଣୁପଦ ସେଠୀ (signature) ୧.୧.୨୦୨୨

**ବିଷ୍ଣୁପଦ ସେଠୀ, ଭା.ପ୍ର.ସେ**

**ପ୍ରମୁଖ ଶାସନ ସଚିବ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ,**

**ସୂଚନା ଏବଂ ଲୋକ ସମ୍ପର୍କ ବିଭାଗ, ଓଡିଶା ସରକାର**

**ଅଧ୍ୟକ୍ଷ, ଓଡିଶା ଜଳ ବିଦ୍ୟୁତ୍ ନିଗମ ଲି.**